By e-dispatch

ତହସିଲ କାର୍ଯ୍ୟାଳୟ, କୁଡୁମୁଲୁଗୁମ୍ମା, ଜିଲ୍ଲା- ମାଲକାନଗିରୀ

**OFFICE OF THE TAHASILDAR, KUDUMULUGUMMA, DIST- MALKANGIRI**

e-mail id- tah.kudumul-od@nic.in

Letter No/274/ Touzi 2020 Dated 03.09./2020.

To,

**The District informatics officer,**
**N.I.C,Malkangiri**

Sub:- Uploading of Notification in District NIC Website for wide publicity in order to invite application (s) for grant of quarry lease through auction.

Sir,

With reference to the subject cited above, I am to intimate that auction will be Conducted for grant of long term (5) years quarry lease in respect of **Bhutajhola stone quarry Gotiguda sand bed** of this Tahasil as per the provisions envisaged in OMMC rule 2016 and its amendment Rule 2018.

Therefore, in enclosing herewith a copy of Notification vide No 1267 dated 03.09.2020 it is requested to upload the Notification in District NIC website for wide publicity in order to invite application(s) for grant of quarry lease through auction..

This is for your kind information and necessary action.

Encl:- Copy of Notification.

Yours faithfully,

03/09/20

**Tahasildar,Kudumuluguma**

Tahasildar
Kudumulugumma

Memo No_______/2020 Dated________/2020

Copy submitted to the Addl.District Magistrate,Malkangiri for favour of kind information and necessary action.

Sd-

**Tahasildar,Kudumuluguma**

Scanned by CamScanner

By- e- Despatch

ତହସିଲ କାର୍ଯ୍ୟାଳୟ, କୁଡୁମୁଲୁଗୁମ୍ମା, ଜିଲ୍ଲା- ମାଲକାନଗିରି
OFFICE OF THE TAHASILDAR, KUDUMULUGUMMA, DIST- MALKANGIRI
Mob No.9938858019 e mail id- tah.kudumul-od@nic.in

ବିଜ୍ଞପ୍ତି ସଂଖ୍ୟା.୯୨୪୬/ (ସୈରାତ) ତାରିଖ:- ୦୩.୦୯.୨୦୨୦

## ଲଘୁ ଖଣିଜ ଉତ୍ସର ଦୀର୍ଘମିଆଦୀ ଲିଜ୍ ନିମନ୍ତେ ବିଜ୍ଞାପନ

[ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ଆଇନ- 2016 ଅନୁଯାୟୀ]

ଏତଦ୍ ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଓଡିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅଧୀନସ୍ଥ ଚିତ୍ରକୋଣ୍ଡା ତହସିଲ ଅନ୍ତର୍ଗତ ସାରଣୀଭୁକ୍ତ ଲଘୁ ଖଣିଜ ସୈରାତ ଉତ୍ସ ଗୁଡିକର OMMC (Amendment) Rules-2016 ମୁତାବକ ଆସନ୍ତା **୫(ପାଞ୍ଚ)** ବର୍ଷ ନିମନ୍ତେ ଦୀର୍ଘମିଆଦୀ ଲିଜ ସୂତ୍ରେ ନେବା ପାଇଁ ଇଚ୍ଛୁକ ବ୍ୟକ୍ତିମାନଙ୍କ ଠାରୁ ଦରଖାସ୍ତ ଆହ୍ୱାନ କରାଯାଉଅଛି ।

ଇଚ୍ଛୁକ ବ୍ୟକ୍ତି ବିଶେଷ OMMC (Amendment) Rules-2016 ର ଫାରମ-ଏମ (Form-M) ପୂରଣ କରି ଏହାର ତିନି କପି ସହ ଆବଶ୍ୟକୀୟ କାଗଜାତର ନକଲ ସଂଲଗ୍ନ ପୂର୍ବକ ଠିକ ଭାବରେ ବନ୍ଦଥିବା ଲଫାପା ଉପରେ ସୈରାତ ଉତ୍ସର ନାମ ଉଲ୍ଲେଖକରି ତହସିଲ କାର୍ଯ୍ୟାଳୟରେ ଥିବା ଠିକା ପେଟିକା (Tender Box)ରେ ପକାଇ ପାରିବେ କିମ୍ବା ରେଜିଷ୍ଟ୍ରି ବା କ୍ଷିପ୍ର ଡାକ ମାଧମରେ ପଠାଇପାରିବେ । ସମସ୍ତ ଦରଖାସ୍ତ ସାରଣୀ-କ ରେ ଦିଆଯାଇଥିବା ଠିକଣାରେ ସମ୍ପୃକ୍ତ ପର୍ଯ୍ୟାୟର ଶେଷ ତାରିଖ ଓ ସମୟ ସୁଦ୍ଧା ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ହସ୍ତଗତ ହେବା ଆବଶ୍ୟକ । ଯଦି ପ୍ରଥମ ପର୍ଯ୍ୟାୟରେ କିଛି ଦରଖାସ୍ତ ଆସି ନ ଥାଏ କିମ୍ବା ଆସିଥିବା ସମସ୍ତ ଦରଖାସ୍ତ ନାକଚ ହୋଇ ସୈରାତ ଉତ୍ସ ଚୂଡାନ୍ତ ନ ହୁଏ, ତେବେ ସେଗୁଡିକ ଚୂଡାନ୍ତ କରିବା ପାଇଁ ଦ୍ୱିତୀୟ ପର୍ଯ୍ୟାୟରେ ଦରଖାସ୍ତ ଆହ୍ୱାନ କରାଯିବ । ଦ୍ୱିତୀୟ ପର୍ଯ୍ୟାୟର ଶେଷ ତାରିଖ ସୁଦ୍ଧା ଆସିଥିବା ଦରଖାସ୍ତ ଗୁଡିକୁ ବିଚାରକୁ ନେଇ ଲିଜ୍ ଚୁଡାନ୍ତ କରାଯିବ । ସେହିପରି ଦ୍ୱିତୀୟ ପର୍ଯ୍ୟାୟରେ ଚୂଡାନ୍ତ ହୋଇ ନ ଥିବା ଉତ୍ସ ତୃତୀୟ ପର୍ଯ୍ୟାୟର ଶେଷ ତାରିଖ ସୁଦ୍ଧା ଆସିଥିବା ଦରଖାସ୍ତ ଗୁଡିକୁ ଯାଞ୍ଚ କରି ସର୍ବୋଚ୍ଚ ନିଲାମ ଧାରୀଙ୍କୁ ଲିଜ୍ ଦିଆଯିବ । ଯଦି କୌଣସି ସୈରାତ ଉତ୍ସ ପାଇଁ ଏକକ ଦରଖାସ୍ତ ପ୍ରାପ୍ତ ହୋଇଥାଏ, ତେବେ, ଏହି ଦରଖାସ୍ତଟିକୁ ଖୋଲା ନ ଯାଇ ପରବର୍ତ୍ତୀ ଧାର୍ଯ୍ୟ ତାରିଖ ପର୍ଯ୍ୟନ୍ତ ଏକରୁ ଅଧିକ ଦରଖାସ୍ତ ଗ୍ରହଣ ପାଇଁ ଅପେକ୍ଷା କରାଯିବ । ଯଦି, ନିର୍ଦ୍ଧାରିତ ତୃତୀୟ ପର୍ଯ୍ୟାୟ ଶେଷ ତାରିଖ ସୁଦ୍ଧା ଏକକ ଦରଖାସ୍ତ ବ୍ୟତୀତ, ସେହି ଉତ୍ସ ପାଇଁ ଆଉ କୌଣସି ଦରଖାସ୍ତ ପ୍ରାପ୍ତ ହୋଇ ନ ଥାଏ, ତେବେ ସେହି ଏକକ ଦରଖାସ୍ତଟିକୁ ଶେଷ ତାରିଖରେ ଖୋଲା ଯାଇ ସମସ୍ତ ସର୍ତ୍ତ ପୂରଣ ହେଉଥିଲେ ଲିଜ ଚୂଡ଼ାନ୍ତ କରାଯିବ । ଧାର୍ଯ୍ୟ ତାରିଖ ଓ ସମୟ ଅତିବାହିତ ହେବାପରେ କୌଣସି ଦରଖାସ୍ତ ଗ୍ରହଣ କରାଯିବ ନାହିଁ **ଦରଖାସ୍ତ ଯାଞ୍ଚ ଓ ଲିଜ ଚୂଡ଼ାନ୍ତ ସ୍ଥାନ ତହସିଲଦାରଙ୍କ ପ୍ରକୋଷ୍ଠ , ତହସିଲ କାର୍ଯ୍ୟାଳୟ କୁଡୁମୁଲୁଗୁମ୍ମା ଜିଲ୍ଲା ମାଲକାନଗିରି ।**

**ସାରଣୀ-କ**

| ପର୍ଯ୍ୟାୟ ସଂଖ୍ୟା | ଦରଖାସ୍ତ ଆହ୍ୱାନର ଶେଷ ତାରିଖ | ସମୟ | ଦରଖାସ୍ତ ଯାଞ୍ଚ ଓ ଲିଜ ଚୂଡାନ୍ତ ତାରିଖ | ସମୟ | ମନ୍ତବ୍ୟ |
|---|---|---|---|---|---|
| ପ୍ରଥମ ପର୍ଯ୍ୟାୟ | 15.09.2020 | ଅପରାହ୍ନ 5.30 ସୁଦ୍ଧା | 16.09.2020 | ପୂର୍ବାହ୍ନ 12.00 | ପ୍ରଥମ ପର୍ଯ୍ୟାୟରେ ଚୂଡାନ୍ତ ହୋଇସାରିଥିବା ଉତ୍ସ ପରବର୍ତ୍ତୀ ପର୍ଯ୍ୟାୟରେ ବିଚାରକୁ ନିଆଯିବ ନାହିଁ । |
| ଦ୍ୱିତୀୟ ପର୍ଯ୍ୟାୟ | 22.09.2020 | ଅପରାହ୍ନ 5.30 ସୁଦ୍ଧା | 23.09.2020 | ପୂର୍ବାହ୍ନ 12.00 | |
| ତୃତୀୟ ପର୍ଯ୍ୟାୟ | 29.09.2020 | ଅପରାହ୍ନ 5.30 ସୁଦ୍ଧା | 30.09.2020 | ପୂର୍ବାହ୍ନ 12.00 | |

Tahasildar 03/09/20
Kudumulugumma

Scanned by CamScanner

| ପ୍ରେରକ, | ପ୍ରାପ୍ତେଷୁ, |
|---|---|
| ସୈରାତ ଉତ୍ସର ନାମ * ................................ | |
| ଆବେଦନକାରୀଙ୍କ ନାମ ................................ | ତହସିଲ କାର୍ଯ୍ୟାଳୟ, କୁଡୁମୁଲୁଗୁମ୍ମା |
| ସଂପୂର୍ଣ୍ଣ ଠିକଣା ................................ | ଗ୍ରା/ପୋ- କୁଡୁମୁଲୁଗୁମ୍ମା/ ନାକାମାମୁଡ଼ି |
| ଫୋନ ନଂ ................................ | ଜିଲ୍ଲା- ମାଲକାନଗିରି, ପିନ୍ - 764046 |
| | ଫୋନ - 9938858019 |

** ବନ୍ଦଥିବା ଲଫାପା ଉପରେ ସୈରାତ ଉତ୍ସର ନାମ ଉଲ୍ଲେଖ ନ ଥିଲେ ସେହି ଦରଖାସ୍ତ ବିଚାରକୁ ନିଆଯିବନାହିଁ ଓ ତାହା ନାକଚ କରାଯିବ ।*

ଠିକା ପେଟିକା ଓ ଡାକ ମାଧ୍ୟମରେ ହସ୍ତଗତ ହଇଥିବା ସମସ୍ତ ଦରଖାସ୍ତ ତହସିଲ କାର୍ଯ୍ୟାଳୟରେ ଦରଖାସ୍ତକାରୀ କିମ୍ବା ତାଙ୍କ ପ୍ରତିନିଧିଙ୍କ ଉପସ୍ଥିତିରେ ଖୋଲାଯାଇ ଉପରେ ଦର୍ଶାଇଥିବା ପର୍ଯ୍ୟାୟ ତାରିଖ ପ୍ରକାରେ ଲିଜ୍ ଚୂଡାନ୍ତ କରାଯିବ ଏବଂ ଅସମ୍ପୂର୍ଣ୍ଣ ଦରଖାସ୍ତ ଗୁଡିକ ବାତିଲ କରାଯିବ । ଇଛୁକ ବ୍ୟକ୍ତିମାନେ, ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି (ସଂଶୋଧନ) ଆଇନ-2016 ରେ ବର୍ଣ୍ଣିତ ପ୍ରକାରେ ତିନିକିତା ଫର୍ମ- M ପୂରଣକରି ତତ୍ ସହିତ ନିମ୍ନଲିଖିତ ଆବଶ୍ୟକୀୟ କାଗଜାତ୍ ଦାଖଲ କରିବା ହେବେ ।

<u>ଦରଖାସ୍ତ ସହ ଦାଖଲ କରିବାକୁଥିବା ଦସ୍ତାବିଜ</u>

A. ଲିଜ୍ ଧାରୀଙ୍କ ଆଧାର ବା ଭୋଟର ପରିଚୟପତ୍ର କିମ୍ବା ସମ୍ପୂର୍ଣ୍ଣ ଠିକଣା ଥିବା ଯେକୌଣସି ପ୍ରମାଣ ପତ୍ର ସହ ପୂରଣ କରାଯାଇଥିବା ଫର୍ମ-ଏମ୍ (Form-M)ର ଅନ୍ୟ ଦୁଇକିତା ନକଲ ।

B. ଦରଖାସ୍ତ ଫି ବାବଦକୁ ଟ.୧,000/-(ଏକ ହଜାର)ଙ୍କାର ଟ୍ରେଜେରୀ ଚାଲାଣ ପ୍ରଦାନ କକରିବାର ପ୍ରମାଣ । ଟ୍ରେଜେରୀ ଚାଲାଣ ଏହି ଖାତାରେ ଦାଖଲ କରିବେ (Head of Account-0853-Non-Ferrous Mining and Metallurgical Industries-102-Mineral concession Fees, Rents and Royalties) । ଏହି ଦରଖାସ୍ତ ଫି ଫେରସ୍ତ କରାଯିବ ନାହିଁ ।

C. ଦରଖାସ୍ତକାରୀଙ୍କ ନାମରେ ଉପରକ୍ତୋ ଆଇନ ଅନୁଯାୟୀ କୌଣସି ଖଣିଜ ଦେୟ ବକେୟା ନଥିବା ଦର୍ଶାଇବାର ଏକ ସତ୍ୟପାଠ ।(Affidavit)

D. ଚୁକ୍ତିରକ୍ଷା ପ୍ରଦତ୍ତ ଅର୍ଥ ବା EMD (Earnest Money Deposit) ବ୍ୟାଙ୍କ ଡ୍ରାଫ୍ଟ ପ୍ରଦାନ କକରିବାର ପ୍ରମାଣ । ବାର୍ଷିକ ସର୍ବନିମ୍ନ ଧାର୍ଯ୍ୟ ଉତ୍ତୋଳନ ପରିମାଣ (MGQ) ଉପରେ ନିର୍ଦ୍ଧାରିତ ଅତିରିକ୍ତ ଦେୟ ଓ ରୟାଲଟି ର ଶତକଡା ୫(ପାଞ୍ଚ) ଭାଗ ତହସିଲଦାର, କୁଡୁମୁଲୁଗୁମ୍ମାଙ୍କ ନାମରେ ବ୍ୟାଙ୍କ ଡ୍ରାଫ୍ଟ କରି ଦରଖାସ୍ତ ସହ ସଂଲଗ୍ନ କରିବେ, ନଚେତ ଦରଖାସ୍ତଟିକୁ ବିଚାରକୁ ନିଆଯିବ ନାହିଁ । **[EMD = 5% of {MGQ x (Royalty + Additional Charges)}]**

E. ଏକ ଶୋଧକ୍ଷମ ପ୍ରମାଣପତ୍ର (Solvency Certificate) କିମ୍ବା ବ୍ୟାଙ୍କ ପ୍ରତ୍ୟାଭୂତି (Bank Guarantee) (ଯାହାର ଅବଧି ଅନ୍ତତଃ ୬ଠର ମାସ ହେବା ଆବଶ୍ୟକ) [Requisite Extent of Solvency or Bank Guarantee = Minimum Guaranteed Quality X (Offered Additional Charge + Royalty for one year)] ପ୍ରଦାନ କରିବାକୁ ପଡିବ ।

F. ଗତବର୍ଷର ଆୟକର ଦାଖଲ (Income Tax Return Filling) ସମ୍ବନ୍ଧୀୟ ବିବରଣୀର ନକଲ ।

G. ରାଜସ୍ୱ ଅଧିକାରୀଙ୍କ ଦ୍ୱାରା ପ୍ରଦତ୍ତ ଆବେଦକଙ୍କ ଅସ୍ଥାବର ସମ୍ପତ୍ତିର ବିବରଣୀ ।

H. ଉତ୍ସର ନାମ, ତଫସିଲ ଓ ସରହଦ୍ ର ବିବରଣୀ ଥିବା ଏକ ରେଖା ମାନଚିତ୍ର (Sketch Map) ସଂଲଗ୍ନ କରିବେ ।

03/09/20
Tahasildar
Kudumulugumma

Scanned by CamScanner

ନିମ୍ନ ସର୍ତ୍ତାବଳୀ ଗୁଡିକ ଅନୁପାଳନ କରାଯିବ

1. ଆବେଦନକାରୀମାନେ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ଆଇନ 2004, OMMC (Amendment) Rules- 2016 ର ପରିସର ଭୁକ୍ତ ରହିବେ ।
2. ଲିଜ୍ ରେ ଅଂଶ ଗ୍ରହଣ କରିଥିବା ବ୍ୟକ୍ତି ବିଶେଷ ଉସଗୁଡିକୁ ପରିଦର୍ଶନ କରି ପରିଚାଳନା ପାଇଁ ଗମନାଗମନ ସୁବିଧା, ଗଚ୍ଛିତ ଥିବା ଲଘୁ ଖଣିଜ ଦ୍ରବ୍ୟ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ସୁବିଧା ସଂପର୍କରେ ପର୍ଯ୍ୟବେକ୍ଷଣ କରି ଦରଖାସ୍ତ କରିବା ଆବଶ୍ୟକ । ଲିଜଧାରୀ ରାସ୍ତାଘାଟ ଏବଂ ଗମନାଗମନ ସୁବିଧା ପାଇଁ ନିଜେ ଦାୟୀ ରହିବେ । ଲିଜ୍ ନେବା ପରେ ସୈରାତ ଚଳାଇବା ସଂପର୍କରେ କୌଣସି ଅଭିଯୋଗ ଯେପରିକି ଜନ ଅସନ୍ତୋଷ ବା କୌଣସି ପ୍ରାକୃତିକ ବିପର୍ଯ୍ୟୟ ନିମନ୍ତେ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।
3. ଲିଜ୍ ସୂତ୍ରେ ନେବାକୁ ଇଚ୍ଛୁକ ଥିବା ବ୍ୟକ୍ତି ଦରଖାସ୍ତରେ, ଲଘୁ ଖଣିଜ ଦ୍ରବ୍ୟର ସରକାରଙ୍କ ଦ୍ଵାରା ଧାର୍ଯ୍ୟ ରୟାଲଟି ଦେୟର (Additional Charge) ମୂଲ୍ୟଠାରୁ କମ୍ ମୂଲ୍ୟ ଦର୍ଶାଇଲେ ତାହା ଗ୍ରହଣୀୟ ହେବ ନାହିଁ ଏବଂ ଦରଖାସ୍ତଟି ନାକଚ ହେବ ।
4. ଆବେଦିତ ଦରଖାସ୍ତ ମାନଙ୍କ ମଧ୍ୟରେ ରାଜଭାଗ ବା ରୟାଲଟୀ (Royalty) ସହ ସର୍ବାଧିକ ଅତିରିକ୍ତ ଦେୟ (Additional Charges) ଦର୍ଶାଇଥିବା ଆବେଦନ ପତ୍ରକୁ ଯୋଗ୍ୟ ବିବେଚିତ କରାଯିବ । ଯଦି ୧ ରୁ ଅଧିକ ଦରଖାସ୍ତକାରୀ ସମାନ ଓ ସର୍ବୋଚ୍ଚ ମୂଲ୍ୟ ପ୍ରଦାନ କରିଥିବେ ତେବେ ଲଟେରୀ ମାଧ୍ୟମରେ ଲିଜ୍ ଧାରୀଙ୍କୁ ଚୟନ କରାଯିବ ।
5. ଯଦି ସର୍ବାଧିକ ରୟାଲଟି ଦର୍ଶାଇଥିବା ବ୍ୟକ୍ତି ସର୍ତ୍ତାବଳୀରେ ଖିଲାପ କରନ୍ତି ତେବେ ତାଙ୍କ ପରବର୍ତ୍ତୀ ସର୍ବାଧିକ ରୟାଲଟି ଦର୍ଶାଇଥିବା ବ୍ୟକ୍ତିଙ୍କୁ କ୍ରମାନ୍ୱୟରେ ସୁଯୋଗ ଦିଆଯିବ ।
6. ଲିଜ୍ ନିମନ୍ତେ ଯୋଗ୍ୟ ଦରଖାସ୍ତକାରୀ ସୈରାତ ଉସର ବାର୍ଷିକ ଦେୟ [Minimum Guaranteed Quantity X (Royalty+ Additional Charges)] + Amount of contribution payable to DMF] ଶତକଡା 10% ରାଶି ଲିଜ୍ ଚୂଡାନ୍ତ ହେବାର 15 (ପନ୍ଦର) ଦିନ ମଧ୍ୟରେ ପ୍ରାଧିକୃତ ଅଧିକାରୀଙ୍କ ପାଖରେ ଦାଖଲ କରିବେ, ଯାହାକି ସୁଧ ବିହିନ ଅମାନତ ରାଶି (Security Deposit ) ହିସାବରେ ରଖାଯିବ ।
7. ଚୂଡାନ୍ତ ହୋଇଥିବା ଲିଜ୍ ଧାରୀ ୧ (ଏକ) ମାସ ସମୟସୀମା ମଧ୍ୟରେ ଖଣିଜଦ୍ରବ୍ୟ ଉତ୍ତୋଳନ ଯୋଜନା (Mining Plan) Form-O ରେ ଏବଂ ପରିବେଶ ମଞ୍ଜୁରୀ (Environment Clearance) ରିପୋର୍ଟ୍ ଗ୍ରହଣ ପୂର୍ବକ ଚୁକ୍ତି ସ୍ୱାକ୍ଷର କରିବେ । ନଚେତ୍ ଦ୍ୱିତୀୟ ସର୍ବୋଚ୍ଚ ଅତିରିକ୍ତ ଦେୟ ପ୍ରଦାନ କରୁଥିବା ଲିଜ୍ ଧାରୀଙ୍କୁ ସେହି ଖଣିଟି ପ୍ରଦାନ କରାଯିବ ।
8. Mining Plan ଟି Form-O ରେ ଅନୁମୋଦିତ ହେବା ଆବଶ୍ୟକ ଓ Environment Clearance ଭାରତ ସରକାରଙ୍କ ଅଧିସୂଚନା ସଂଖ୍ୟା 1533 ତା. 14.09.2006 ଅନୁଯାୟୀ କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଠାରୁ ଅନୁମୋଦିତ ହେବା ବିଧେୟ ।
9. ପରିବେଶ ମଂଜୁରୀ (Environment Clearance) ପରେ ଲିଜ୍ ଧାରୀ ପାଞ୍ଚବର୍ଷର (ସମ୍ପୂର୍ଣ୍ଣ ଲିଜ୍ ଅବଧି) ଜମିପୃଷ୍ଠ ଶୁଳ୍କ (Surface Rent), ଜମି ଉର୍ବରତା ନଷ୍ଟ ଶୁଳ୍କ (Dead Rent), ରାଜ ଶୁଳ୍କ (Royalty), ଅତିରିକ୍ତ ଦେୟ (Additional Charges), ଜିଲ୍ଲା ଖଣିଜ ପାଣ୍ଠି (District Mineral Fund-DMF),ପରିବେଶ ପରିଚାଳନା ପାଣ୍ଠି (Environment Management Fund-EMF) କ୍ଷତିପୂରକ ବନୀକରଣ ପାଣ୍ଠି (Compensatory Afforestation Fund-CAF) ଏବଂ ଆୟକର ର ସମ୍ପୂର୍ଣ୍ଣ ରାଶିକୁ ଚାରିଗୋଟି କିସ୍ତିରେ ଦାଖଲ କରିବେ । ପ୍ରଥମ କିସ୍ତି ଦାଖଲର ଏକ ମାସ ମଧ୍ୟରେ ଲିଜ୍ ଧାରୀ ଭାରତୀୟ ରେଜିଷ୍ଟ୍ରେଷନ ଆକ୍ଟ 1908 ଓ ଷ୍ଟାମ୍ପ ଆକ୍ଟ 1899 ଅନୁଯାୟୀ ଚୁକ୍ତି ପତ୍ର ସଂପାଦନ କରିବେ ।
10. ଚୁକ୍ତିପତ୍ର ସମ୍ପାଦନ କରିବା ଦିନଠାରୁ ଲିଜ୍ ଅବଧି ଆରମ୍ଭ ବୋଲି ଗଣାଯିବ ।
11. ଦରଖାସ୍ତକାରୀ Mines Act 1952 ଓ Explosive Act 1884 ର ସମସ୍ତ ନିୟମାବଳୀର ଅନ୍ତର୍ଭୁକ୍ତ ରହିବେ ।
12. ଲିଜ୍ ଧାରୀ ସୈରାତ ଉସର ନକ୍ସା ଅନୁଯାୟୀ ସିମେଣ୍ଟ ଖୁଣ୍ଟ ଦ୍ୱାରା ବାଡ ଦେଇ ଚିହ୍ନଟ କରିବେ ଓ ସମ୍ମୁଖ ଭାଗରେ ଏକ ସୂଚନା ଫଳକ (Display Board) ତିଆରି କରି ସେଥିରେ ସୈରାତ ଉସର ନାମ ତଥା ମଞ୍ଜୁର ହୋଇଥିବା ଆର୍ଥିକ ବର୍ଷ ଏବଂ ଅନ୍ୟାନ୍ୟ ସୂଚନା ଉଲ୍ଲେଖ କରିବେ । ଏସବୁ କାର୍ଯ୍ୟ ସମ୍ପାଦନ ଲିଜ୍ ଧାରୀ ନିଜ ଖର୍ଚ୍ଚରେ କରିବେ ।
13. ବିଜ୍ଞାପନ ଖର୍ଚ୍ଚ ସର୍ବୋଚ୍ଚ ଲିଜ୍ ଧାରୀ ମାନେ ଆନୁପାତିକ ଭାବେ ବହନ କରିବେ ।
14. ଖଣିଜଦ୍ରବ୍ୟ ସଂରକ୍ଷଣ ନିର୍ଦ୍ଧାରଣ ବିବରଣୀ (Reserve Assessment Report), ଖଣିଜଦ୍ରବ୍ୟ ଉତ୍ତୋଳନ ଯୋଜନା ଏବଂ ପରିବେଶ ମଞ୍ଜୁରୀ ବାବଦକୁ ଖର୍ଚ୍ଚ ଲିଜଧାରୀ ନିଜେ ବହନ କରିବେ ।

03/09/20

Tahasildar
Kudumulugumma

Scanned by CamScanner

15. ଏହି ସମସ୍ତ ପ୍ରକ୍ରିୟା ଶେଷ ହେବାପରେ ମନୋନୀତ ଆବେଦନକାରୀଙ୍କୁ State Pollution Control Board (SPCB)ର Consent to Operate Order ଏହି କାର୍ଯ୍ୟାଳୟରେ ଦାଖଲ କରିବାକୁ ହେବ । ବିନା Consent to Operate Order ରେ ଲିଜଧାରୀ ଖଣିଜଦ୍ରବ୍ୟ ଉତ୍ତୋଳନ କରିପାରିବେ ନାହିଁ ।
16. ଉପରୋକ୍ତ ସମସ୍ତ ସର୍ତ୍ତାବଳୀ ପୂରଣ ହେଲାପରେ କାର୍ଯ୍ୟାଦେଶ ଦିଆଯିବ । କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଠାରୁ କାର୍ଯ୍ୟାଦେଶ ନ ମିଳିବା ପର୍ଯ୍ୟନ୍ତ ଲିଜ୍ ଧାରୀ ସୈରାତ ଉତ୍ସରୁ ଲଘୁ ଖଣିଜ ଦ୍ରବ୍ୟ ଉଠାଇ ପାରିବେ ନାହିଁ ।
17. ଲିଜ୍ ସମ୍ବନ୍ଧୀୟ ସର୍ତ୍ତାବଳୀ କାର୍ଯ୍ୟାଳୟରେ ଛୁଟିଦିନ ବ୍ୟତିତ ସମସ୍ତ କାର୍ଯ୍ୟ ଦିବସରେ ଦେଖିପାରିବେ । ଏହା ବ୍ୟତିତ ଇସ୍ତାହାରର ସମସ୍ତ ବିବରଣୀ ଜିଲ୍ଲା ୱେବ୍ ସାଇଟ www.malkangiri.nic.in ରେ ମଧ୍ୟ ଦେଖିପାରିବେ ।
18. ଯଦି ଇସ୍ତାହାରରେ କୌଣସି ତ୍ରୁଟି ପରିଲକ୍ଷିତ ହୁଏ ତେବେ ତାହା ସଂଶୋଧନ କରିବାର କ୍ଷମତା କ୍ଷମତାପ୍ରାପ୍ତ ଅଧିକାରୀଙ୍କର ରହିଛି।
19. କ୍ଷମତାପ୍ରାପ୍ତ ଅଧିକାରୀ କୌଣସି କାରଣ ନ ଦର୍ଶାଇ ଲିଜ୍ କାର୍ଯ୍ୟ ସମ୍ପୂର୍ଣ୍ଣ ବାତିଲ, ସ୍ଥଗିତ ବା ବିଳମ୍ବ କରିପାରିବେ ।
20. ନିଲାମଧାରୀମାନେ OMMC (Amendment) Rules- 2016 ର ସମସ୍ତ ସର୍ତ୍ତାବଳୀ ମାନିବା ନିମନ୍ତେ ବାଧ୍ୟ ହେବେ ।
21. କୋଭିଡ-19 ଭୂତାଣୁ ଜନିତ କେନ୍ଦ୍ର ଓ ରାଜ୍ୟ ସରକାରଙ୍କର ନିର୍ଦ୍ଦେଶାବଳୀ ଅନୁଯାୟୀ ନିଲାମଧାରୀମାନେ ଖଣିଜ ଉତ୍ତୋଳନ କରିବେ । ସେହିପରି ସେମାନେ ଅଂଶୁଘାତ ଜନିତ ନିର୍ଦ୍ଦେଶାବଳୀ ପାଳନ କରିବେ ।

## ଲିଜ ପାଇଁ ଉଦ୍ଦିଷ୍ଟ ଲଘୁ ଖଣିଜ ଉତ୍ସର ବିବରଣୀ

| କ୍ର ସଂ | ସୈରାତ ଉତ୍ସର ନାମ | ମୌଜା | ଖାତା ନଂ | ପ୍ଲଟ ନଂ | କିସମ | ଲିଜ ରକବା (ହେକ୍ଟର) | ଲଘୁ ଖଣିଜର ନାମ | ସର୍ବନିମ୍ନ ରାଜଭାଗ (Royalty) ଟଙ୍କା | ସର୍ବନିମ୍ନ ଅତିରିକ୍ତ ଦେୟ (Additional charges) ଟଙ୍କା | ସର୍ବନିମ୍ନ ବାର୍ଷିକ ଉତ୍ତୋଳନ ପରିମାଣ- MGQ (ଘ.ମି) | ଅଗ୍ରୀମ ଅମାନତ ରାଶି (EMD) ଟଙ୍କା |
|---|---|---|---|---|---|---|---|---|---|---|---|
| 1 | ଭୂତଝୋଲା ପଥର ଖାଦାନ | ଭୂତଝୋଲା | 10 | 52 | ପଥର ବଣି | 1.160 | ପଥର | 130.00 | 10.00 | 800 | 5600.00 |
| 2 | ଗୋଟିଗୁଡ଼ା ବାଲି ଖାଦାନ | ଗୋଟିଗୁଡ଼ା | 158 | 1162 | ନଦୀ | 2.500 | ବାଲି | 35.00 | 25.00 | 1400 | 4200.00 |
| | | | | 1172 | ନଦୀ | 0.446 | ବାଲି | | | | |
| | | | | 1119 | ନଦୀ | 2.054 | ବାଲି | | | | |

ତହସିଲଦାର, କୁଡୁମୁଲୁଗୁମ୍ମା
Tahasildar
Kudumulugumma

Scanned by CamScanner

For paper Advt

# ତହସିଲ କାର୍ଯ୍ୟାଳୟ ,କୁଡୁମୁଲୁଗୁମ୍ମା, ଜିଲ୍ଲା – ମାଲକାନଗିରି

ବିଜ୍ଞପ୍ତି ସଂଖ୍ୟା 1267/2020(ସୈରାତ) ତାରିଖ -03.09.2020

**ଲଘୁ ଖଣିଜ ଉତ୍ସର ଦୀର୍ଘମିଆଦୀ ଲିଜ୍ ନିମନ୍ତେ ବିଜ୍ଞାପନ**

ଏତଦ୍ ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ଓଡ଼ିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅଧିନସ୍ଥ କୁଡୁମୁଲୁଗୁମ୍ମା ତହସିଲ ଅନ୍ତର୍ଗତ ନିମ୍ନପ୍ରଦତ୍ତ ଲଘୁଖଣିଜ ସୈରାତ ଉତ୍ସ ଗୁଡ଼ିକର ଓଡ଼ିଶା ଲଘୁ ଖଣିଜଦ୍ରବ୍ୟ ରିହାତି ଆଇନ 2016 ଓ ଏହାର ସଂଶୋଧନ ଆଇନ -2018 ମୁତାବକ ଆସନ୍ତା 5(ପାଞ୍ଚ) ବର୍ଷ ନିମନ୍ତେ ଦୀର୍ଘମିଆଦୀ ଲିଜ ସୂତ୍ରେ ନେବା ପାଇଁ ଇଚ୍ଛୁକ ବ୍ୟକ୍ତିମାନଙ୍କ ଠାରୁ ଦରଖାସ୍ତ ଆହ୍ୱାନ କରାଯାଉଅଛି । ଇଚ୍ଛୁକ ବ୍ୟକ୍ତି ବିଶେଷ OMMC Rules -2016 ର ଫର୍ମ –M (Form-M) ପୂରଣ କରି ଏହାର ତିନି କପି ସହ ଆବଶ୍ୟକୀୟ କାଗଜାତର ନକଲ ସଂଲଗ୍ନ ପୂର୍ବକ ଠିକ ଭାବରେ ବନ୍ଦଥିବା ଲଫାପା ଉପରେ ସୈରାତ ଉତ୍ସର ନାମ ଉଲ୍ଲେଖକରି ଶେଷ ତାରିଖ 15.09.2020 ଅପରାହ୍ନ 5.30 ସୁଧା ତହସିଲ କାର୍ଯ୍ୟାଳୟରେ ଥିବା ଠିକା ପେଟିକା (Tender Box) ରେ ପକାଇ ପାରିବେ କିମ୍ବା ରେଜିଷ୍ଟ୍ରି ବା କ୍ଷିପ୍ର ଡାକ ମାଧ୍ୟମରେ ପଠାଇପାରିବେ । ଏହି ବିଜ୍ଞାପନର ସମସ୍ତ ବିବରଣୀ ମାଲକାନଗିରି ଜିଲ୍ଲା ୱେବ ସାଇଟ WWW.malkangiri.nic.in ରେ ଦେଖିପାରିବେ । ଯଦି ଇସ୍ତାହାରରେ କୌଣସି ତ୍ରୁଟି ପରିଲକ୍ଷିତ ହୁଏ ତେବେ ତାହା ସଂଶୋଧନ କରିବାର କ୍ଷମତା , କ୍ଷମତାପ୍ରାପ୍ତ ଅଧିକାରୀଙ୍କର ରହିଛି ।

| | |
|---|---|
| 1- ଗୋଟିଗୁଡ଼ା ବାଲିଘାଟ | 2- ଭୂତଝୋଲା ପଥର ଖାଦାନ |

Tah... ildar
Kudun... gumma

(To be published black and white in all one day edition in maximum 10mc x 6mc dimension only.)

Scanned by CamScanner